

# ଜୀବନ କଥା

"Jibana Katha" Cuttack Centre, KFI Odia Newsletter

ସେପ୍ଟମ୍ବର - ଡିସେମ୍ବର, ୨୦୧୩



ପରେ ପରେ...

ମଣିଷ ସମାଜ ଛାଡ଼ି ସନ୍ନ୍ୟାସୀ ହୁଏ କାହିଁକି? ପୃ : ୨

ଈର୍ଷା କାହାକୁ କହନ୍ତି? ପୃ : ୩

କ୍ରିଷ୍ଣମୂର୍ତ୍ତିଙ୍କ ଡାଏରୀରୁ ପୃ : ୪

ନ୍ୟୁୟର୍କ : ଜୁଲାଇ ୧୬ ତାରିଖ ପୃ : ୫

ରାଜଘାଟ ଛାତ୍ରଙ୍କ ସହିତ... ପୃ : ୬

Announcement ପୃ : ୬


"From the nineteen twenties I have been saying that there should be no interpreters of the teachings for they distort the teachings and it becomes a means of exploitation. No interpreters are necessary for each person should observe directly his own activities, not according to any theory or authority. Unfortunately interpreters have sprung up, a fact for which we are in no way responsible. In recent years several people have asserted that they are my successors and that they have been especially chosen by me to disseminate the teachings. I have said, and I again repeat, that there are no representatives of Krishnamurti personally or of his teachings during or after his life-time. I am very sorry that this has to be said again."

--J. Krishnamurti

## ଏକାନ୍ତ ମନ

ସାଧାରଣତଃ ଯୋଉ ପ୍ରକାରେ ଆମେ ଜୀବନ ବିତାଉ, ତହିଁରେ ଖୁବ୍ କମ୍ ନିର୍ଜନତା ଥାଏ। ଏମିତି କି ଯେତେବେଳେ ଆମେ ଏକା ଥାଉ, ସେତେବେଳେ ବି ଆମର ଜୀବନଟା ହଜାର ପ୍ରକାରର ପ୍ରଭାବ, କେତେ ରକମର ଜ୍ଞାନ, ଅଜସ୍ର ଅନୁଭୂତିର କେତେ କେତେ ସ୍ମୃତି, ନାନା ପ୍ରକାର ଦୁଶ୍ଚିନ୍ତା, ଦୁଃଖ ଦୁର୍ଦ୍ଦଶା ଓ ଦ୍ୱନ୍ଦ୍ୱରେ ଏମିତି ହାଉଯାଉ ହେଉଥାଏ ଯେ ସେଥିରେ ଆମର ମନ ଧୀରେ ଧୀରେ ନିସ୍ତେଜ ହୋଇଯାଏ, ବେଶୀ ବେଶୀ ଦରଦହୀନ ହୋଇପଡ଼େ ଏବଂ ଏକ ବିରକ୍ତିକର ଧରାବନ୍ଧା ରୁଟିନ୍ ଭିତରେ ବାନ୍ଧି ହୋଇ ସେ କାମ କରିଯ୍ତଲେ। ଆମେ କଣ ସତରେ କେତେବେଳେ ହେଲେ ଏକୁଟିଆ ଥାଉ? ନା ସଦାବେଳେ ଅତୀତ ଦିନର ବୋଝକୁ ସାଥିରେ ବୋହି ବୋହି ଚାଲିଥାଉ?

ଏ ସମ୍ବନ୍ଧରେ ଗୋଟିଏ ସୁନ୍ଦର ଗପ ଅଛି। ଥରେ ଦୁଇଜଣ ସନ୍ନ୍ୟାସୀ ଗୋଟିଏ ଗାଁରୁ ଆଉ ଗୋଟିଏ ଗାଁକୁ ଚାଲିକରି ଯାଉଥିଲେ। ବାଟରେ ସେମାନେ ଦେଖିଲେ ଯେ ଯୁବତୀ ଝିଅଟିଏ ନଈ କୂଳରେ ବସି କାନ୍ଦୁଛି। ତାଙ୍କ ଭିତରୁ ଜଣେ ସନ୍ନ୍ୟାସୀ ସେଇ ଝିଅଟି ପାଖକୁ ଯାଇ ପଚାରିଲେ, 'ଭଉଣୀ, ତମେ କାନ୍ଦୁଛ କାହିଁକି? ଝିଅଟି କହିଲା, 'ବାବା, ନଈ ସେପାରିରେ ହେଇ ସେଇ ଘରଟିକୁ ଦେଖୁଛ ତ? ଆଜି ବଡ଼ି ସକାଳୁ ନଈ ଭିତରେ ପଶିକରି ମୁଁ ଏ ପାରିକୁ ଆସିଥିଲି, ମୋର କିଛି ହେଲେ ଅସୁବିଧା ହେଇ ନ ଥିଲା କିନ୍ତୁ ଏହିକ୍ଷଣି ତ ଦେଖୁଛି ନଈରେ ଏତେ ପାଣି ଆସି ଯାଇଛି, ସେପାରିକୁ ମୁଁ ଫେରିବି କେମିତି ଜାଣିପାରୁନାହିଁ। ଡଙ୍ଗା ତ ନାହିଁ।' ସନ୍ନ୍ୟାସୀ ଜଣକ କହିଲେ, 'ଓହୋ, ଏଇ କଥା! ଏଥିରେ ବ୍ୟସ୍ତ ହେବାର କିଛି ନାହିଁ', ଆଉ ତା ପରେ ଝିଅଟିକୁ ସେ ଟେକି ନେଇ କାନ୍ଧରେ ବସାଇ, ନଈ ପାରି କରି ଆର ପଟରେ ଛାଡ଼ିଦେଇ ଆସିଲେ। ତା ପରେ ସନ୍ନ୍ୟାସୀ ଦିହେଁ ମିଶି ପୁଣି ତାଙ୍କର ଯାତ୍ରା ଆରମ୍ଭ କଲେ। ଦୁଇ ଘଣ୍ଟା ପରେ ଅନ୍ୟ ସନ୍ନ୍ୟାସୀଟି କହିଲେ, 'ଭାଇ, ଆମେ ପରା ଶପଥ ନେଇଥିଲୁ କୌଣସି ନାରୀକୁ କେବେ ସ୍ପର୍ଶ କରିବୁ ନାହିଁ ବୋଲି? ତମେ ଯାହା କଲ ସେଇଟା ତ ଭୟଙ୍କର ପାପ। ନାରୀର ଅଙ୍ଗ ସ୍ପର୍ଶ କରି ତମେ କଣ ସୁଖ ଅନୁଭବ କରିନ? ତାହା କଣ ତମ ଦେହରେ ପ୍ରଚଣ୍ଡ ଉତ୍ତେଜନା ଆଣିଦେଇ ନାହିଁ?' ଏ କଥା ଶୁଣି ପ୍ରଥମ ଜଣକ କହିଲେ, 'ତାକୁ ତ ମୁଁ ଦୁଇଘଣ୍ଟା ଆଗରୁ ଛାଡ଼ିଦେଇ ଆସିଲିଣି; କିନ୍ତୁ ତମେ କଣ ଏ ଯାଏଁ ତାକୁ ବୋହି ବୋହି ଚାଲିଛ ଦେଖୁଛି; ନୁହଁ କି?'

ଆମେ ବି ଠିକ୍ ଏଇ କଥା କରିଥାଉ। ସବୁବେଳେ ଆମେ ନିଜର ବୋଝ ଧରି ଚାଲିଥାଉ। କେବେ ବି ଆମେ ସେ ସବୁକୁ ଜଳାଞ୍ଜଳି ଦେଇ ପାରୁ ନାହିଁ, କେବେ ତାକୁ ଫିଙ୍ଗି ଦେଇ ପାରୁନାହିଁ। ଯେତେବେଳେ ଆମେ କୌଣସି ସମସ୍ୟା ପ୍ରତି ପୂରାପୂରି ମନୋଯୋଗୀ ହୋଇଯାଉ ଓ '**ସଙ୍ଗେ ସଙ୍ଗେ**' ତାର ସମାଧାନ

କରିଦେଉ– ପରଦିନକୁ ବା ପର ମୁହୂର୍ତ୍ତକୁ ତାକୁ ଆଉ ବୋହି ଧରି ଚାଲୁନାହିଁ– ସେତେବେଳେ ନିର୍ଜନତା ଦେଖାଦିଏ। ସେପରି ଅବସ୍ଥାରେ ଆମେ ଯେଉଁ ଗହଳିଆ ଘରେ ରହିଥିଲେ ବା ବସ୍ ଭିତରେ ଯାଉଥିଲେ ସୁଦ୍ଧା ଆମଠାରେ ନିର୍ଜନତା ରହିଥିବ। ଆଉ ସେହି ନିର୍ଜନତାରୁ ବୁଝା ପଡ଼ିଯାଏ ଯେ ମନଟି ସତେଜ ଓ ନିରୀହ ରହିଛି।

ଅନ୍ତରରେ ନିଃସଙ୍ଗତା ଓ ଫାଙ୍କାସ୍ଥାନ ରହିବା ଅତ୍ୟନ୍ତ ଦରକାରୀ, କାରଣ ଏହା ଦ୍ୱାରା ନିଜେ କିଛି ହେବା ଲାଗି, କିଛି କରିବା ଲାଗି, କୁଆଡ଼େ ହେଲେ ଯିବା ଲାଗି, ଉଡ଼ି ବୁଲିବା ଲାଗି ସ୍ୱାଧୀନତା ଥାଏ। ସେ ଯାହା ହେଉ ନା କାହିଁକି ବ୍ୟାପ୍ତି ବା ଫାଙ୍କାସ୍ଥାନ ଭିତରେ ହିଁ ସାଧୁତାର ପ୍ରସ୍ଫୁଟନ ଘଟିଥାଏ, ଠିକ୍ ଯେମିତି ମୁକ୍ତ ଅବସ୍ଥା ଥିଲେ ସାଧୁତା ପ୍ରକାଶ ପାଇଥାଏ। ଆମମାନଙ୍କର ରାଜନୈତିକ ସ୍ୱାଧୀନତା ଥାଇପାରେ, କିନ୍ତୁ ନିଜ ଅନ୍ତରରେ ଆମେ ସ୍ୱାଧୀନ ନ ଥାଉ, ଆଉ ସେଇଥିପାଇଁ ଆମ ଅନ୍ତରରେ ଫାଙ୍କାସ୍ଥାନ ନ ଥାଏ। ନିଜ ଅନ୍ତର ଭିତରେ ଏହି ବିଶାଳ ଫାଙ୍କାସ୍ଥାନ ବିନା କୌଣସି ଉଲ୍ଲେଖଯୋଗ୍ୟ ସଦ୍‌ଗୁଣ ବା ସାଧୁତା ତାର କାର୍ଯ୍ୟ କରିପାରେ ନାହିଁ କି ତାର ବିକାଶ ଘଟି ପାରେ ନାହିଁ। ମନରେ ଫାଙ୍କାସ୍ଥାନ ଓ ନୀରବତା ଅତ୍ୟନ୍ତ ଜରୁରୀ। କାରଣ ମନ ଯେତେବେଳେ ଏକା ହୋଇଯାଏ, କୌଣସି ପ୍ରଭାବରେ ସେ ପ୍ରଭାବିତ ହୁଏ ନାହିଁ, କି କୌଣସି ପ୍ରକାର ତାଲିମ ନିଏ ନାହିଁ, କି ଅଜସ୍ର ଅନୁଭୂତି ଓ ଅଭିଜ୍ଞତାରେ ଆଚ୍ଛନ୍ନ ହୋଇ ରହେ ନାହିଁ, ସେତିକିବେଳେ ଜାଣି ସେ ଏଭଳି କିଛିର ସନ୍ଧାନ ପାଇଥାଏ ଯାହା କି ସଂପୂର୍ଣ୍ଣ ରୂପେ ନୂତନ।

ମନ ଯେତେବେଳେ ନୀରବ ହୋଇଯାଏ, ସେତିକିବେଳେ ତା ଠାରେ ଯେ ସ୍ୱଷ୍ଟ ଭାବରେ ଦେଖିବାର ସମ୍ଭାବନା ଦେଖାଦିଏ, ଏକଥା ତମେ ପ୍ରତ୍ୟକ୍ଷ ଭାବରେ ଦେଖି ପାରିବ। ପ୍ରାଚ୍ୟ ଦେଶରେ ଧ୍ୟାନର ପୂରା ଲକ୍ଷ୍ୟଟା ହେଲା ମନକୁ ଏଇ ଅବସ୍ଥାକୁ ନେଇ ଆସିବା– ଅର୍ଥାତ୍ ଭାବନାକୁ ଆୟତ୍ତ କରିବା, ଯୋଉଟା କି ବାରମ୍ବାର ମନ୍ତ୍ର ଉଚ୍ଚାରଣ ଦ୍ୱାରା ମନକୁ ଶାନ୍ତ, ନୀରବ କରିଦେବା ଭଳି କଥା। ଆଉ ଏହା ଦ୍ୱାରା ମଣିଷ ତା ନିଜର ସମସ୍ୟାଗୁଡ଼ିକୁ ଠିକ୍ ଭାବରେ ବୁଝିପାରିବ ବୋଲି ମନେ କରାଯାଏ। କିନ୍ତୁ ଯେ ପର୍ଯ୍ୟନ୍ତ ମଣିଷ ସେଇ ମୂଳ ଭିତ୍ତିଟିକୁ ନିଜଠାରେ ସ୍ଥାପନ କରିନାହିଁ ଅର୍ଥାତ୍ ଭୟ, ଦୁଃଖ, ଉଦ୍‌ବେଗ ଓ ନିଜ ପାଇଁ ନିଜେ ବିଛାଇଥିବା ଯାବତୀୟ ଫାନ୍ଦରୁ ସେ ମୁକ୍ତ ହୋଇନାହିଁ, ସେ ପର୍ଯ୍ୟନ୍ତ କୌଣସି ମନ ପକ୍ଷରେ ଯଥାର୍ଥ ଭାବେ ଶାନ୍ତ ନୀରବ ହେଇଯିବା କେମିତି କରି ସମ୍ଭବ ହେଇପାରିବ, ତା ମୁଁ ବୁଝିପାରୁ ନାହିଁ। ଏଇ କଥାଟିକୁ ଅନ୍ୟ ଜଣଙ୍କ ନିକଟରେ ଜଣାଇବା ବା ଜ୍ଞାପନ କରିବାଟା ଅତିରିକ୍ତ କଷ୍ଟକର। ଆମ ଭିତରେ ଯୋଗାଯୋଗ ରହିବାର ଅର୍ଥ ହେଲା ତମେ ଯେ କେବଳ ମୋରି କଥାଗୁଡ଼ିକୁ ବୁଝିଯିବ ତା ନୁହେଁ, ତା ସାଙ୍ଗକୁ ଆମ ଉଭୟଙ୍କୁ ଅର୍ଥାତ୍ ତମକୁ ଓ ମତେ, ଏକା ସମୟରେ ପ୍ରଖର ଭାବରେ, ମୁହୂର୍ତ୍ତେ ବି ଏପଟ ସେପଟ ନ ହୋଇ, ସମାନ ସ୍ତରରେ ରହି ପରସ୍ପର ସହିତ ମିଳିତ ହେବା ଲାଗି ସମର୍ଥ ହେବାକୁ ପଡ଼ିବ। କିନ୍ତୁ ଯାହା ତମେ ପଢୁଛ, ତାକୁ ଯଦି ତମ ନିଜର ଜ୍ଞାନ, ସୁଖ ସୁବିଧା ଓ ମତ ଧାରଣା ଅନୁସାରେ ବ୍ୟାଖ୍ୟା କରିବାରେ ଲାଗିଥିବ କିମ୍ବା ତାକୁ ଉପଲବ୍ଧି କରିବା ପାଇଁ ପ୍ରବଳ ଚେଷ୍ଟା ଚଳେଇଥିବ ତେବେ ଆମ ଭିତରେ ସେଭଳି ଯୋଗାଯୋଗ ଆଉ ସମ୍ଭବ ହେଇ ପାରିବ ନାହିଁ।

ପରିଚିତିରୁ ମୁକ୍ତି/ପରିଚ୍ଛେଦ-୧୪

## ପ୍ରଶ୍ନ : ମଣିଷ ସମାଜ ଛାଡ଼ି ସନ୍ନ୍ୟାସୀ ହୁଏ କାହିଁକି ?

**କ୍ରିଷ୍ଣମୂର୍ତ୍ତି–** ତମେ ତ ଜାଣ, ଜୀବନଟା ଜଟିଳ ଓ ସେଇଥିଲାଗି ମଣିଷ ଏକ ସରଳ ଜୀବନ ଖୋଜିହୁଏ। ମଣିଷ ଯେତେ ଅଧିକ ସଂସ୍କୃତି ସମ୍ପନ୍ନ, ଯେତେ ଅଧିକ ସୁନ୍ଦର, ଯେତେ ବେଶୀ ତୀକ୍ଷ୍ଣ ଦୃଷ୍ଟି ସମ୍ପନ୍ନ, ଯେତେ ବେଶୀ ଜାଗ୍ରତ ହୁଏ, ଏକ ସରଳ ଜୀବନ ଯାପନ ପାଇଁ ତାର ସେତେ ବେଶୀ ଚାହିଦା ରହେ। ମୁଁ ଏଠି ଭଣ୍ଡ ସନ୍ନ୍ୟାସୀ କଥା କହୁ ନାହିଁ ଯେ କି ଗେରୁ ବସ୍ତ୍ର ପିନ୍ଧି ଦାଢ଼ି ଛାଡ଼ିଥାଏ; ମୁଁ ଏଠି କହୁଛି ପ୍ରକୃତ ସନ୍ନ୍ୟାସୀର କଥା ଯେ କି ଜୀବନର ଜଟିଳତାକୁ ଦେଖି ତାକୁ ଆଡ଼େଇ ଦେଇ ଯାଏ। ଦୁର୍ଭାଗ୍ୟବଶତଃ ଏଭଳି ସନ୍ନ୍ୟାସୀଟି ଭୁଲ୍ ମୁଣ୍ଡରୁ ଆରମ୍ଭ କରେ। ସରଳତାଟା ଥାଏ ଆର ମୁଣ୍ଡରେ। ଦୁଇଟିଯାକ ମୁଣ୍ଡ ଏକତ୍ର ମିଶିବା ଦରକାର। ତମେ ଯେ ବାହାର ପଟକୁ ଧରି ଆଗେଇ ପାରିବ ନାହିଁ। ମନଟା ଯେତେବେଳେ ଠୁଳ କରିବାରୁ ମୁକ୍ତ ହୋଇଯାଏ, ସେତିକିବେଳେ ଜାଣି ସରଳତାର ଅନୁଭବ ଦେଖାଦିଏ, ତାହା ଆତ୍ମପ୍ରକାଶ କରେ।

ସାଧାରଣତଃ ଦେଖିବ ଯେଉଁ ସନ୍ନ୍ୟାସୀ ସଂସାର ପରିତ୍ୟାଗ କରେ, ସେ କହେ, 'ଏ ସଂସାର ଅତି ନିର୍ବୋଧ, ଅତି ଜଟିଳ; ଏଠି କେତେ କେତେ ବିଷୟରେ ଚିନ୍ତା କରିବାକୁ ପଡୁଛି– ଘର ପରିବାର, ପିଲାଛୁଆ ଓ ପୁଣି ସେମାନେ ଚାକିରି ପାଇବେ କି ନ ପାଇବେ, ସେକଥା, ଇତ୍ୟାଦି ଇତ୍ୟାଦି।' ତେଣୁ ସେ କହେ 'ମୋର ଏ ସବୁରେ କିଛି କାମ ନାହିଁ– ବାସ୍, ତା ପରେ ସେ ଏଇ ତଥାକଥିତ ସଂସାରୀ ଜୀବନରୁ ଆଡ଼େଇ ହୋଇଯାଏ। ଗେରୁଆ ପୋଷାକଟିଏ ପିନ୍ଧି ସେ କହେ, 'ମୁଁ ସଂସାର ତ୍ୟାଗ କଲି।' କିନ୍ତୁ ତାର ଯୌନ ତଥା ଅନ୍ୟାନ୍ୟ କ୍ଷୁଧା ନେଇ ସେ ତଥାପି ସେଇ ମଣିଷ ହିଁ ରହିଥାଏ, ତା'ଠାରେ ସବୁ ରହିଥାଏ, ତାର ସବୁ ଭ୍ରମ ଭ୍ରାନ୍ତି ରହିଥାଏ। ଫଳରେ ତାର ତୁଚ୍ଛା ସଂସାର ତ୍ୟାଗଟା କିଛି ନୁହେଁ।

କେଡ଼େ ସହଜରେ ଆମେ ପ୍ରତାରିତ ହୋଇଯାଉ ସତେ! ଆମେ

ଭାବୁ ଯେ କେବଳ ଗେରୁଆ ପୋଷାକଟିଏ ପିନ୍ଧିନେଲେ– ଯାହା କି ହେଲା ସବୁଠାରୁ ସହଜ କଥା– ଆମେ 'ସଂସାରୀ ଜୀବନ'କୁ ତ୍ୟାଗ କରିଦେଲୁ। ଅଥଚ କାମନା ବାସନାର, ବିଶ୍ୱାସର, କଷ୍ଟ ଯନ୍ତ୍ରଣାର, ଦୁଃଖର, ଈର୍ଷାର, ତୁଳକରଣର ଜଟିଳ ପ୍ରକ୍ରିୟାକୁ କେବଳ ବୁଝିବା ଦ୍ୱାରା ହିଁ ସରଳତା ଦେଖାଦିଏ। ଜଣକ ପାଖରେ ଅନେକ କିଛି ଭୋଗ୍ୟବସ୍ତୁ ସମ୍ପତ୍ତି ବାଡ଼ି ଥାଇପାରେ ବା ଖୁବ୍ ଅଳ୍ପ କିଛି ଥାଇପାରେ; ତାର ଛୁଆପିଲା ଥାଇ ପାରନ୍ତି ବା ନଥାଇ ବି ପାରନ୍ତି। କିଛି ଜିନିଷପତ୍ର ନ ରଖିବାରେ ସରଳତା ନ ଥାଏ। ନିଜ ଅନ୍ତରରେ ଥିବା ସୌନ୍ଦର୍ଯ୍ୟକୁ, ପ୍ରାଚୁର୍ଯ୍ୟକୁ ବୁଝିବା ଦ୍ୱାରା ହିଁ ସରଳତା ଆସିଥାଏ। ଆଉ ସେହି ଅନ୍ତର୍ନିହିତ ପ୍ରାଚୁର୍ଯ୍ୟ ବିନା ଖାଲି ସମ୍ପତ୍ତି ବାଡ଼ିକୁ ତ୍ୟାଗ କରିଗଲେ କିମ୍ବା ହଳଦିଆ ବସ୍ତ୍ର ପରିଧାନ କରିନେଲେ ତାର କୌଣସି ଅର୍ଥ ହୁଏ ନାହିଁ।

ଗେରୁ ବସ୍ତ୍ର ବା ହଳଦିଆ ବସ୍ତ୍ରରେ ପ୍ରତାରିତ ହୋଇଯାଅ ନାହିଁ। ପରିତ୍ୟାଗର ତୁଚ୍ଛା ବାହାରିଆ ସାଜ– ଯାହାର କି କୌଣସି ବି ହେଲେ ଅର୍ଥ ନାହିଁ– ତାକୁ ଉପାସନା କର ନାହିଁ। ଯାହାର କିଛି ହେଲେ ତାତ୍ପର୍ଯ୍ୟ ଅଛି ତାକୁ ଅନ୍ୟଠାରୁ କେବେ ବି ଲାଭ କରିହୁଏ ନାହିଁ, କେବେ ବି ଶିକ୍ଷା କରିହୁଏ ନାହିଁ। ତମେ କେତେବେଳେ ପ୍ରକୃତରେ ସରଳ ହେବ, କେତେବେଳେ ତମଠାରେ ବାହାରିଆ ତ୍ୟାଗର ସେଭଳି ଭସ୍ମ ଦେଖାଦେବ ତା ନୁହେଁ, ଭସ୍ମ ଦେଖାଦେବ ତା ନୁହେଁ, ବରଂ ସକଳ ଦ୍ୱନ୍ଦ୍ୱ, ଦମନ, ଉଚ୍ଚାଭିଳାଷ, ଅନୁକରଣରୁ ଅନ୍ତର୍ନିହିତ ମୁକ୍ତି ଦେଖାଦେବ, ସେକଥା ତମେ ନିଜେ ଜାଣି ପାରିବ। ସେହି ବ୍ୟକ୍ତିଟି ହିଁ ବାସ୍ତବରେ ଜଣେ ସୃଜନଶୀଳ ବ୍ୟକ୍ତି, ଯିଏ ପ୍ରକୃତରେ ଦୁନିଆକୁ ସାହାଯ୍ୟ କରି ପାରିବ– ନଦୀ କୂଳରେ ନିଜ ସ୍ୱପ୍ନରେ ନିଜେ ଲୀନ ହୋଇ ବସୁଥିବା କୌଣସି ସନ୍ନ୍ୟାସୀ ନୁହେଁ।

*ରାଜଘାଟ ଛାତ୍ରଙ୍କ ସହିତ କଥାଭାଷା*
*/ପୃଃ ୧୪୩*

## ପ୍ରଶ୍ନ : ଈର୍ଷା କାହାକୁ କହନ୍ତି ?

**କ୍ରିଷ୍ଣମୂର୍ତ୍ତି–** ଯେତେବେଳେ ତମେ ନିଜକୁ ନେଇ ଅସନ୍ତୁଷ୍ଟ ରହ ଅର୍ଥାତ୍ ତମେ ନିଜେ ଯାହା ରହିଛ ସେଇଥିରେ ଯେତେବେଳେ ତମର ମନ ଆଉ ମାନେ ନାହିଁ, ଅନ୍ୟ ପ୍ରତି ହିଂସା ଆସେ, ସେଇ ତ ହେଲା ଈର୍ଷା। ନିଜେ ଯେତିକିରେ ରହିଛ ସେଇଥିରେ ଅସନ୍ତୁଷ୍ଟ ରହିବା ହେଲା ଈର୍ଷାର ଆରମ୍ଭ। ଯାହାର ପାଣ୍ଡିତ୍ୟ ତମଠୁ ବେଶୀ, ତା'ରି ପରି ହେଇଯିବାକୁ ତମେ ଖୋଜ, କି ଯିଏ ତମଠୁ ବେଶୀ ସୁନ୍ଦର ତା'ରି ପରି ଦିଶିବାକୁ ତମର ଇଚ୍ଛା ହୁଏ। ଯାହାର ଆହୁରି ବଡ଼ ଘରଟାଏ ଅଛି, କି ତମଠୁ ଯାହାର କ୍ଷମତା ବେଶୀ, କି ଯାହାର ଉଚ୍ଚ ପଦ ମର୍ଯ୍ୟାଦା ଅଛି, ତାରି ପରି ହେଇଯିବାକୁ ତମର ଇଚ୍ଛା ହୁଏ। ଆହୁରି ବେଶୀ ସଦ୍‌ଗୁଣଶାଳୀ ହେବାକୁ ତମର ମନ ଡାକେ। କେମିତି କ'ଣ କଲେ ଆହୁରି ବେଶୀ ଭଲ ଭାବରେ ଧ୍ୟାନ କରିହେବ ତା ଜାଣିବାକୁ ତମର ଇଚ୍ଛା ହୁଏ। ଭଗବତ୍ ପ୍ରାପ୍ତି ଲାଗି ଇଚ୍ଛା ହୁଏ, ନିଜେ ଯାହା ହେଇ ରହିଛ ତାଠୁ ବଦଳି ଅଲଗା କିଛି ହେଇଯିବାକୁ ପ୍ରାଣ ଡାକେ। ଫଳରେ ତମଠାରେ ଈର୍ଷା ଜାତ ହୁଏ, ମନରେ ପରଶ୍ରୀକାତରତା ଦେଖାଦିଏ। ନିଜେ ଯାହା ରହିଚ ସେଇଆକୁ ବୁଝିବାଟା ହେଲା ଅତ୍ୟନ୍ତ କଷ୍ଟକର। କାରଣ ଏଥିରେ ତମେ ନିଜେ ପ୍ରକୃତରେ ଯାହା ଅଛ, ତାକୁ ଛାଡ଼ି ଅଲଗା କିଛି ପାଲଟିଯିବା ଲାଗି ତମର ଯୋଉ କାମନା, ସେଥିରୁ ତମକୁ ମୁକ୍ତ ରହିବାକୁ ପଡ଼ିବ। ନିଜକୁ ବଦଳେଇ ଅନ୍ୟ କିଛି ଗୋଟାଏ ପାଲଟିଯିବାର କାମନାଟା ଈର୍ଷା ଓ ପରଶ୍ରୀକାତରତା ଜାତ କରାଇଥାଏ ଅଥଚ ତମେ ନିଜେ ଯାହା ରହିଛ, ତାକୁଇ ଖାଲି ହୃଦୟଙ୍ଗମ କରିନେବା ଦ୍ୱାରା ତମେ ଯାହା ରହିଛ ସେଥିରେ ରୂପାନ୍ତର ଘଟିଯାଏ। କିନ୍ତୁ ତମେ ଦେଖିବ, ତମର ସମୁଦାୟ ଶିକ୍ଷା ପଦ୍ଧତିଟା ତମେ ଯାହା ରହିଛ, ତା'ଠାରୁ ଅଲଗା ହେଇଯିବା ଦିଗରେ ଉଦ୍ୟମ କରିବାକୁ ତମକୁ ମତାଉଥାଏ। ତମଠାରେ ଯେତେବେଳେ ଈର୍ଷା ଆସିଯାଏ ଓ ତମକୁ କୁହାଯାଏ 'ଈର୍ଷା କର ନାହିଁ– ଏଇଟା ଗୋଟାଏ ଅତି ଭୟଙ୍କର ଜିନିଷ', ତା ଦ୍ୱାରା ଈର୍ଷା ନ କରିବା ଲାଗି ତମେ ଆପ୍ରାଣ ଚେଷ୍ଟା ଲଗାଅ। କିନ୍ତୁ ସେଇ ଯୋଉ କଠୋର ଚେଷ୍ଟା, ସେଇଟା ବି ସେଇ ଈର୍ଷାର ଅନ୍ତର୍ଗତ। କାରଣ ତମେ ଅଲଗା ପ୍ରକାର ହେଇ ପଡ଼ିବା ଲାଗି ଇଚ୍ଛା କରୁଥାଅ।

ଦେଖ, ସୁନ୍ଦର ଗୋଲାପଟିଏ ହେଉଛି ସୁନ୍ଦର ଗୋଲାପଟିଏ, ଅଥଚ ଆମେ ହେଲୁ ମଣିଷ, ଆମକୁ ଚିନ୍ତା କରିବାର ସାମର୍ଥ୍ୟ ମିଳିଛି, ତଥାପି ଆମେ ଭୁଲ ଭାବରେ ଚିନ୍ତା କରିଥାଉ। ***କିଭଳି*** ଚିନ୍ତା କରିବାକୁ ହୁଏ ସେତକ ଜାଣିବାକୁ ହେଲେ ତା ଭିତରକୁ ଗଭୀର ଭାବରେ ପଶିବା ଦରକାର, ଯଥେଷ୍ଟ ବୋଧଗମ୍ୟତା ଥିବା ଦରକାର। କିନ୍ତୁ ***କଅଣ*** ଚିନ୍ତା କରିବାକୁ ହେବ ତାହା ଜାଣିବାଟା ଖୁବ୍ ସହଜ। ଆମର ଏବକାର ଶିକ୍ଷା, ଆମେ ***କି କଥା*** ଚିନ୍ତା କରିବୁ ସେଇ ବିଷୟ ଆମକୁ ବତାଉଥାଏ। ***କିଭଳି ଭାବରେ*** ଚିନ୍ତା କରିବା ଦରକାର, କିଭଳି ଭାବରେ ତାର ଆହୁରି ଭିତରକୁ ଭିତରକୁ ପଶି ହେବ, ତା ଗଭୀରକୁ ଯାଇ କିଛି ଦେଖି ହେବ ସେସବୁ କିଛି ହେଲେ ଆମକୁ ଶିଖାଏ ନାହିଁ। ଯେତେବେଳେ ଶିକ୍ଷକ ଓ ଛାତ୍ର ଉଭୟ କିଭଳି ଚିନ୍ତା କରିବାକୁ ହୁଏ ଜାଣିଯିବେ ସେତେବେଳେ ଯାଇ ସେଇ ସ୍କୁଲର ନାଆଁ ସାର୍ଥକ ହେବ।

ପୃଷ୍ଠା – ୩୭(ଏଇ ଯେ ସଂସ୍କୃତି)

# ଏକ ବିଶେଷ ସୂଚନା

**ବିଶ୍ୱ ବିଖ୍ୟାତ ଦାର୍ଶନିକ ଜେ. କ୍ରିଷ୍ଣମୂର୍ତ୍ତିଙ୍କ ଲିଖିତ ଡାଏରୀ (Note book) ର ଅନୁବାଦ ଏହାର ଅତିକାୟତା ଦୃଷ୍ଟିରୁ ସାଧାରଣ ପାଠକଙ୍କ ନିକଟରେ ସହଜରେ ଉପଲବ୍ଧ ହୋଇପାରୁ ନାହିଁ। ଏହି ଅନୁବାଦର ଅନ୍ୟ ଏକ ବିଶେଷତ୍ୱ ହେଲା ବସନ୍ତ କୁମାରୀଙ୍କ ମନଛୁଆଁ ଅନୁବାଦ। ତେଣୁ ପାଠକମାନଙ୍କ ଅନୁରୋଧ କ୍ରମେ ଏହାର କିଛି କିଛି ଅଂଶ ନିୟମିତ ରୂପେ ପ୍ରତ୍ୟେକ ସଂଖ୍ୟାରେ ପ୍ରକାଶ କରାଯିବାକୁ ମନସ୍ଥ କରାହୋଇଛି।**

**ସଂପାଦିକା**

# କ୍ରିଷ୍ଣମୂର୍ତ୍ତିଙ୍କ ଡାଏରୀରୁ

୧୯୬୧ ମସିହା ଜୁନ୍ ମାସରେ କ୍ରିଷ୍ଣମୂର୍ତ୍ତି ତାଙ୍କର ଅନୁଭବ, ପର୍ଯ୍ୟବେକ୍ଷଣ ଓ ଚେତନାର ଅବସ୍ଥା ବିଷୟରେ ଏକ ଦୈନିକ ଲିପି (record) ରଖିବାକୁ ଆରମ୍ଭ କଲେ। ପ୍ରାୟ ଚଉଦଟି ଦିନ ବାଦ୍‌ଦେଲେ, ତାଙ୍କର ଏଇ ଲିପିବଦ୍ଧ କରିବା କାମ ସେ ସାତମାସ କାଳ ଚଳାଇଥିଲେ। ସେ ପେନ୍‌ସିଲ୍‌ରେ, ପରିଷ୍କାର ଭାବରେ ଲେଖୁଥିଲେ ଓ ସେଇ ଲେଖାରେ କାର୍ଯ୍ୟତଃ କୋଉଠି ହେଲେ ଲିଭାଲିଭିର ଦାଗ ନାହିଁ। ପାଣ୍ଡୁଲିପିର ପ୍ରଥମ ସତସ୍ତରୀ ପୃଷ୍ଠା ଗୋଟିଏ ଛୋଟ ଟିପାଖାତାରେ ଲେଖା ହେଇଛି; ତା'ପରଠୁ ଶେଷଯାଏ (ପାଣ୍ଡୁଲିପିର ୩୨୩ ପୃଷ୍ଠା) ଗୋଟିଏ ବେଶ୍ ବଡ଼, ଖୋଲା ପୃଷ୍ଠାବାଲା ଖାତାରେ ସେ ଲେଖିଛନ୍ତି। ଏହି ଲିପିବଦ୍ଧ କରିବା କାମଟି ଯେମିତି ଅଚାନକ ଆରମ୍ଭ ହେଇଛି, ସେମିତି ଅଚାନକ ଶେଷ ମଧ୍ୟ ହେଇଛି। କ୍ରିଷ୍ଣମୂର୍ତ୍ତି ନିଜେ ବି କହିପାରୁ ନାହାନ୍ତି କେଉଁ ଜିନିଷଟା ତାଙ୍କୁ ଏହା ଆରମ୍ଭ କରିବା ଦିଗରେ ପ୍ରବର୍ତ୍ତାଇଲା। ପୂର୍ବରୁ କେବେ ସେ ଏମିତି ଲିପିବଦ୍ଧ କରିନାହାନ୍ତି କି ଯା' ପରେ ବି ଆଉ କେବେ ନୁହଁ।

ଏଇ ପାଣ୍ଡୁଲିପିଟି ଅତି ସାମାନ୍ୟ ମାତ୍ରାର ସମ୍ପାଦନା ଦରକାର କରିଛି। କ୍ରିଷ୍ଣମୂର୍ତ୍ତିଙ୍କର ବନାନ ଭୁଲ୍‌କୁ ସଂଶୋଧନ କରାଯାଇଛି; ସ୍ୱଷ୍ଟତା ଆଣିବାକୁ ଅଳ୍ପ କେତୋଟି ସ୍ଥାନରେ ବିରାମ ଚିହ୍ନ ଯୋଡ଼ା ଯାଇଛି; କେତେକ ଶବ୍ଦ ସଂକ୍ଷେପ, ଯଥା— ସାଙ୍କେତିକ ଚିହ୍ନ, ଯାହାକି ସେ ବରାବର ବ୍ୟବହାର କରିଛନ୍ତି, ତାକୁ ପୂରା ବନାନ ସହିତ ଦିଆଯାଇଛି; କେତେକ ପାଦଟୀକା ଏବଂ କେତୋଟି ପ୍ରକ୍ଷେପକୁ ବନ୍ଧନୀ ଭିତରେ ଯୋଗ କରାଯାଇଛି। ଏତକ ଛଡ଼ା ଅନ୍ୟ ସମସ୍ତ ଦିଗରୁ ପାଣ୍ଡୁଲିପିଟି ଯେମିତି ଭାବରେ ଲେଖାଥିଲା, ସେଇ ଭାବରେ ହିଁ ତାକୁ ଉପସ୍ଥାପିତ କରାଯାଇଛି।

"ପ୍ରକ୍ରିୟା" ବୋଲି ଯେଉଁ ନିର୍ଦ୍ଦିଷ୍ଟ ଅର୍ଥର ଶବ୍ଦଟି ଏଥିରେ ବ୍ୟବହାର କରାଯାଇଛି, ତାକୁ ବୁଝେଇବା ଲାଗି ପଦେ କହିବା ଦରକାର ପଡ଼ିଛି। ୧୯୨୨ ମସିହାରେ, କ୍ରିଷ୍ଣମୂର୍ତ୍ତିଙ୍କର ଅଠେଇଶି ବର୍ଷ ବୟସ ବେଳେ, ତାଙ୍କଠାରେ ଏକ ଆଧ୍ୟାତ୍ମିକ ଅନୁଭୂତି ଦେଖା ଦେଇଥିଲା, ଯୋଉଟା କି ତାଙ୍କ ଜୀବନକୁ ବଦଳାଇ ଦେଇଥିଲା। ତା ପରଠୁ ସେଇଟା ବର୍ଷ ବର୍ଷ ଧରି ତାଙ୍କ ମୁଣ୍ଡ ଓ ମେରୁଦଣ୍ଡରେ ଅନବରତ ତୀବ୍ର ଯନ୍ତ୍ରଣା ଦେବାରେ ଲାଗିଥିଲା। ପାଣ୍ଡୁଲିପିରୁ ଜଣାପଡ଼େ ଯେ ସେହି ବିଚିତ୍ର ଯନ୍ତ୍ରଣା, ଯାହାକୁ ସେ "ପ୍ରକ୍ରିୟା" ବୋଲି କହୁଥିଲେ— ସେଇଟା ତା' ପରେ ମଧ୍ୟ ଚାଳିଶ ବର୍ଷ ଧରି ତାଙ୍କଠାରେ ପ୍ରାୟ ଲାଗି ରହିଥିଲା, ଯଦିଓ ତାର ପ୍ରକୋପ ଯଥେଷ୍ଟ ମାତ୍ରାରେ ଊଣା ପଡ଼ି ଯାଇଥିଲା।

ଏହି "ପ୍ରକ୍ରିୟା"ଟା ଥିଲା ଏକ ଶାରୀରିକ ଘଟଣା; କ୍ରିଷ୍ଣମୂର୍ତ୍ତି ତାଙ୍କ ଟିପାଖାତାଗୁଡ଼ିକରେ ନାନାବିଧ ଭାବରେ ଉଲ୍ଲେଖ କରୁଥିବା "ପରମ ଆଶୀର୍ବାଦର ଧାରା", "ଅପରତ୍ୱ", "ଅସୀମତା" ପ୍ରଭୃତି ଚେତନାଗତ ଅବସ୍ଥା ସହିତ ଏହାକୁ ଭ୍ରମ କରିବା କଥା ନୁହେଁ। କେବେ ବି ହେଲେ ସେ "ପ୍ରକ୍ରିୟା"ଟି ପାଇଁ କୌଣସି ଯନ୍ତ୍ରଣା ଉପଶମକାରୀ ବଟିକା ଖାଇ ନାହାନ୍ତି। କେବେ ବି ହେଲେ ସେ ମଦ ବା ଅନ୍ୟ କୌଣସି ପ୍ରକାର ନିଶାଦ୍ରବ୍ୟ ଖାଇ ନାହାନ୍ତି। ସେ କେବେ ହେଁ ଧୂମପାନ କରି ନାହାନ୍ତି, ଆଉ ବିଗତ ତିରିଶ ବର୍ଷ ମଧ୍ୟରେ ଚା, କଫି ସୁଦ୍ଧା ପିଇ ନାହାନ୍ତି। ଯଦିଓ ସାରାଜୀବନ ଧରି ସେ ଜଣେ ନିରାମିଷାଶୀ, ତଥାପି ତାଙ୍କର ଦୈନନ୍ଦିନ ଖାଦ୍ୟ ଯେପରି ଯଥେଷ୍ଟ ପରିମାଣର ସୁଷମ ଖାଦ୍ୟ ହୁଏ, ସେ ଦିଗରେ ସବୁବେଳେ ତାଙ୍କୁ ବହୁତ ଶ୍ରମ ସ୍ୱୀକାର କରିବାକୁ ପଡ଼ିଥାଏ। ତାଙ୍କ ଚିନ୍ତାଧାରା ଅନୁସାରେ ଧର୍ମୀୟ ଜୀବନ ଲାଗି ଭୋଗବିଳାସ ଯେମିତି କ୍ଷତିକାରକ, କଠୋର ସଂଯମ ଆଚରଣ ମଧ୍ୟ ସେମିତି କ୍ଷତିକାରକ। ପ୍ରକୃତପକ୍ଷେ, ଜଣେ ପଦସ୍ଥ ଅଶ୍ୱାରୋହୀ, କର୍ମଚାରୀ ନିଜ ଘୋଡ଼ାଟିର ଯେ ପ୍ରକାର ଯତ୍ନ ନିଅନ୍ତେ, ସେ ଠିକ୍ ସେହି ପ୍ରକାରେ ନିଜ "ଶରୀର"ର ଯତ୍ନ ନେଇଥାନ୍ତି (ସଦାବେଳେ ଶରୀରକୁ ଜୀବାତ୍ମା (ego)ଠାରୁ ପୃଥକ୍ ରୂପେ ଦେଖିଛନ୍ତି।) ସେ କେବେହେଲେ ଅପସ୍ମାର ରୋଗରେ ପଡ଼ି ନାହାନ୍ତି କି ସେହି ଧରଣର ଅନ୍ୟ କୌଣସି ଶାରୀରିକ ଅବସ୍ଥା ଭିତର ଦେଇ ଯାଇ ନାହାନ୍ତି, ଯାହା ଯୋଗୁ କି ତାଙ୍କଠାରେ ଏଭଳି ଅତୀନ୍ଦ୍ରିୟ ଦର୍ଶନ ଓ ଅନ୍ୟାନ୍ୟ ଆଧ୍ୟାତ୍ମିକ ଘଟଣାମାନ ଦେଖାଦେଇ ପାରିବ; କିମ୍ବା ସେ ନିଜେ

କୌଣସି ପ୍ରକାର ଧ୍ୟାନଯୋଗର "ପଦ୍ଧତି" ଅଭ୍ୟାସ କରିନାହାନ୍ତି। ଏସବୁ କହିବାର କାରଣ ହେଉଛି— କୌଣସି ପାଠକ ଯେପରି ଅନୁମାନ କରି ନେବେ ନାହିଁ ଯେ କ୍ରିଷ୍ଣମୂର୍ତ୍ତିଙ୍କର ଚେତନାର ଅବସ୍ଥାଗୁଡ଼ିକ ଏବେ କିମ୍ବା ଅତୀତରେ ନିଶା ଔଷଧ ସେବନ କିମ୍ବା ଉପବାସ ବ୍ରତ ଇତ୍ୟାଦି ଦ୍ୱାରା ସଂଘଟିତ ହୋଇଛି।

ଏହି ଅନୁପମ ଦୈନିକ ଲିପିବଦ୍ଧକରଣରେ ଆମେ କ୍ରିଷ୍ଣମୂର୍ତ୍ତିଙ୍କ ଶିକ୍ଷାଦାନର ଉତ୍ସ ଲାଭ କରିପାରିଛୁ। ତାଙ୍କ ଶିକ୍ଷାଦାନର ସମୁଦାୟ ସାରବତ୍ତା ତାର ସ୍ୱାଭାବିକ ଉତ୍ସ-ସ୍ଥଳୀରୁ ବାହାରି ଏଇଥିରେ ହିଁ ସ୍ଥାନ ପାଇଛି। ସେ ନିଜେ ଏଇସବୁ ପୃଷ୍ଠାରେ ଯାହା ଲେଖିଛନ୍ତି— "ପ୍ରତିଥର ଏଇ ପରମ ଆଶୀର୍ବାଦର ଧାରାରେ କିଛି ଗୋଟାଏ 'ନୂଆ' ହୋଇ ଫୁଟିଥାଏ, ଏକ 'ଅଭିନବ' ବୈଶିଷ୍ଟ୍ୟ, ଏକ 'ନୂତନ' ସୌରଭ ଦେଖା ଦେଇଥାଏ, କିନ୍ତୁ ତା ସତ୍ତ୍ୱେ ଏହା ଅପରିବର୍ତ୍ତନୀୟ", ସେହିଭଳି, ତହିଁରୁ ବାହାରୁଥିବା ଶିକ୍ଷାକୁ ବାରମ୍ବାର କୁହାଯାଇଥିଲେ ମଧ୍ୟ, ତାହା କେତେବେଳେ ହେଲେ ସର୍ବତୋଭାବେ ସମାନ ନୁହଁ। ସେହିପରି ଭାବରେ ଗଛ, ପର୍ବତ, ନଦୀ, ମେଘ, ସୂର୍ଯ୍ୟକିରଣ, ପକ୍ଷୀ ଓ ଫୁଲ— ଯାହାକି ସେ ବାରବାର କରି ବର୍ଣ୍ଣନା କରିଛନ୍ତି, ତାହା ଚିର "ନୂତନ" ଥାଏ, କାରଣ ପ୍ରତିଥର ତାହାକୁ ଦେଖିଲାବେଳେ, ସେ ଆଖି ଯେମିତି ତା ସହିତ କେବେ ପରିଚିତ ନ ଥିଲା, ସେଇ ଭାବରେ ତାକୁ ସେ ଦେଖିଛନ୍ତି; ପ୍ରତ୍ୟେକ ଦିନ ସେଗୁଡ଼ିକ ଏକ ସଂପୂର୍ଣ୍ଣ ତାଜା ଅନୁଭବ ରୂପେ ତାଙ୍କ ନିକଟରେ ଦେଖାଦେଇଛି, ଫଳରେ ଆମକୁ ବି ସେମିତି ଲାଗିଛି।

୧୯୬୧, ଜୁନ୍ ୧୮ ତାରିଖ, ଯେଉଁଦିନ କ୍ରିଷ୍ଣମୂର୍ତ୍ତି ଏହି ଲିପିବଦ୍ଧ କରି ରଖିବା କାମ ଆରମ୍ଭ କଲେ, ସେତେବେଳେ ସେ ନିଉୟର୍କଠାରେ West 87th Street ରେ ତାଙ୍କ ବନ୍ଧୁମାନଙ୍କ ସହିତ ରହୁଥିଲେ। ଜୁନ୍ ୧୪ ତାରିଖରେ ଲଣ୍ଡନରୁ ସେ ଉଡ଼ାଜାହାଜରେ ନିଉୟର୍କ ଆସି, ସେଠାରେ ପ୍ରାୟ ଛଅ ସପ୍ତାହ କଟାଇଥିଲେ ଓ ବାରଗୋଟି ଭାଷଣ ଦେଇଥିଲେ। ଲଣ୍ଡନକୁ ଯିବା ପୂର୍ବରୁ ସେ ରୋମ୍ ଓ ଫ୍ଲରେନ୍ସଠାରେ ରହିଥିଲେ ଓ ତା ପୂର୍ବରୁ ବର୍ଷର ପ୍ରଥମ ତିନିମାସ ଭାରତରେ ଥାଇ ନୂଆଦିଲ୍ଲୀ ଓ ବମ୍ବେଠାରେ ତାଙ୍କ ଭାଷଣମାନ ଦେଇଥିଲେ।

**– ମେରି ଲ୍ୟୁଟେନ୍ସ**

## ନ୍ୟୁୟର୍କ : କ୍ରିଷ୍ଣମୂର୍ତ୍ତିଙ୍କ ଡାଏରୀରୁ /୧୬ ଜୁଲାଇ

**ସେ**ଇ ସମୁଦାୟ ପ୍ରକ୍ରିୟା ରାତିସାରା ଲାଗି ରହିଥିଲା, ଆଉ ବେଶ୍ ଉତ୍କଟ ଭାବରେ ମଧ୍ୟ। ଏ ଦେହ ଆଉ କେତେ ବା ସହ୍ୟ କରିପାରିବ! ପୂରା ଦେହଟା ଥର ଥର ହେଇ କମ୍ପିବାରେ ଲାଗିଥିଲା; ଆଜି ସକାଳେ ପୁଣି, ନିଦରୁ ଉଠିଲାବେଳକୁ ମୁଣ୍ଡଟା ଥରୁଥିଲା।

ଆଜି ସକାଳେ ପୁଣି ସେଇ ଅପୂର୍ବ ପବିତ୍ରତା କାହୁଁ ଆସି ଏଇ ବଖରାଟିକୁ ଉଚ୍ଛୁଳାଇ ଦେଲା, ଆଉ ତା ସହିତ ତାର ସେଇ ପ୍ରଚଣ୍ଡ ଅନ୍ତର୍ଭେଦୀ ଶକ୍ତି ଆପଣା ସର୍ବାଙ୍ଗକୁ ଭେଦ କରି କରି ଅନ୍ତରର ଅନ୍ଧିକନ୍ଧିକୁ ଖେଦିଯାଇ ତାହାକୁ ନିର୍ମଳ କରି ପକାଇଲା ଓ ସେସବୁକୁ ନିଜ ସହିତ ସାମିଲ କରାଇ ନେଲା। ଅପର ବ୍ୟକ୍ତି ଜଣକ ମଧ୍ୟ ଏହା ନିଜେ ଅନୁଭବ କରିଥିଲେ। ଏଇ ଜିନିଷଟି ଲାଗି ପ୍ରତ୍ୟେକ ମଣିଷ କେଡ଼େ ଲାଳାୟିତ ଥାଏ, କିନ୍ତୁ ଏମିତି ଲାଳାୟିତ ହେବା ଯୋଗୁଁ ହିଁ ତାହା ତାଙ୍କୁ ଧରା ଦିଏ ନାହିଁ। ତାକୁ ଲାଭ କରିବା ବାସନାରେ ହିଁ ସାଧୁ ସନ୍ଥ, ପାଦ୍ରୀ ପୁରୋହିତ, ସନ୍ନ୍ୟାସୀଗଣ ଆପଣା ଶରୀରକୁ, ଚରିତ୍ରକୁ ଏତେ ପୀଡ଼ା ଦେଇଥାନ୍ତି କିନ୍ତୁ ତେବେ ବି ତାହା ଧରା ଦିଏ ନାହିଁ। କାରଣ ତାହାକୁ କୌଣସି ଉପାୟରେ କେବେ କିଣିନେଇ ହୁଏ ନାହିଁ; ଯେ କୌଣସି ଧରଣର ଉତ୍ସର୍ଗୀକରଣ, ସଦ୍‌ଗୁଣ ସାଧନ ବା ପୂଜା ପ୍ରାର୍ଥନା— ଏସବୁ କିଛିହେଲେ ସେହି ପ୍ରେମକୁ ଆଣିଦେଇ ପାରେ ନାହିଁ। ମରଣ ସାହାଯ୍ୟରେ ମଧ୍ୟ ଏ ପ୍ରକାର ଜୀବନକୁ, ଏହି ପ୍ରେମକୁ କେବେ ଧରି ହୁଏ ନାହିଁ। ତାହା ଧରା ଦେବାଲାଗି ସମସ୍ତ ପ୍ରକାର ଅନ୍ୱେଷଣ, ସବୁ ପ୍ରକାର ଯାଚନା ସଂପୂର୍ଣ୍ଣ ଭାବେ ବନ୍ଦ ହେଇଯିବା ଦରକାର।

ସତ୍ୟର କୌଣସି ମାପକାଠି ନାହିଁ। ଯାହାର ମାତ୍ରା ନିର୍ଣ୍ଣୟ କରିହୁଏ ତହା ସତ୍ୟ ନୁହେଁ, କାରଣ ଯାହା ଜୀବନ୍ତ ନଥାଏ ତାକୁ ହିଁ କେବଳ ନିର୍ଣ୍ଣୟ କରିହୁଏ ଓ ତାହାର ସର୍ବୋଚ୍ଚ ମାତ୍ରା ନିର୍ଦ୍ଧାରଣ କରାଯାଇ ଥାଏ।

**କ୍ରିଷ୍ଣମୂର୍ତ୍ତିଙ୍କ ଡାଏରୀରୁ / ୧୬ ଜୁଲାଇ**

ଦୁଃଖକୁ ସମ୍ମାନର ଆସନ ଦିଆଯାଇଛି; ତା ପାଇଁ ହଜାର ରକମର ସଫେଇ ବଢ଼ା ଯାଇଥାଏ; ସାଧୁତା ଲାଭ ଦିଗରେ, ଜ୍ଞାନପ୍ରାପ୍ତି ଦିଗରେ ଏହାକୁ ଏକ ବାଟ ବୋଲି ଧରାଯାଏ, ଗୀର୍ଜାମାନଙ୍କରେ ତାକୁ ଥାପନା କରାଯାଇଥାଏ, ଆଉ ଘରେ ଘରେ ତା ଉପରେ ବହୁତ ଜୋର୍ ଦିଆଯାଏ ଓ ତାକୁ ଶୁଦ୍ଧ ପବିତ୍ର ବୋଲି ଧରାଯାଏ। ସବୁଠି ତା' ପାଇଁ ଆଖିର ଲୁହ ଓ ଆଶୀର୍ବାଦଭରା ସହାନୁଭୂତି ଥାଏ। ଫଳରେ ଦୁଃଖ ଲାଗି ରହେ।

**କ୍ରିଷ୍ଣମୂର୍ତ୍ତିଙ୍କ ଡାଏରୀ/ଜାନୁଆରୀ ୧, ୧୯୬୨**



ପୃଷ୍ଠା – ୩୧୮, ମୁଦ୍ରଣ – ୩ୟ
ମୂଲ୍ୟ – ୬୦.୦୦

## ଏହି ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ ପୁସ୍ତକ

# ରାଜଘାଟ ଛାତ୍ରଙ୍କ ସହିତ କଥାଭାଷା

### (ପୁସ୍ତକ ବିଷୟରେ ପଦେ)

ଆମେ ସବୁ ହେଲୁ ମଣିଷ । ଆମର ଦରକାର ସଦାସର୍ବଦା ଆନନ୍ଦ; କଷ୍ଟ ଭୋଗିବାକୁ ଆମେ ଚାହୁଁ ନାହିଁ; ଆମ ଆଖିରେ ଲୁହ ଆସୁ ବୋଲି ଆମେ ଚାହୁଁ ନାହିଁ; ଆମର ସଦାବେଳେ ଓଠରେ ହସ ଦରକାର, ବାସ୍ ସେଇଠି ଅସୁବିଧାଟା ଆରମ୍ଭ ହୁଏ । ଦୁଃଖକୁ ଆଡ଼େଇ ଦେଇ ଆମେ ଖୁସି ଚାହୁଁ, ଆଉ ସେଇଥିପାଇଁ ଆମେ ଅହରହ ସଂଘର୍ଷ କରୁଥାଉ, ଅହରହ ଲଢ଼େଇ କରୁଥାଉ, ହେଲେ ସୁଦ୍ଧା ଆମେ ଖୁସି ଲାଭ କରିପାରୁ ନାହିଁ । ଖୋଜି ନ ହେଉଥିବା ବେଳେ ସେ ଆପେ ଆସି ପହଞ୍ଚିଯାଏ । ତମେ ଯଦି ଆନନ୍ଦ ସକାଶେ ତାକୁ ଖୋଜିହୁଅ, ତେବେ ସେ କଦାପି ଆସେ ନାହିଁ । କିନ୍ତୁ ତମେ ଯାହା ଠିକ ମନେ କରୁଛ, ସଠିକ ବୋଲି ବୋଧ କରୁଛ, ପ୍ରକୃତରେ କରିବାକୁ ଭଲ ପାଉଛ, ତାହା ଯଦି କରୁଥାଅ, ତେବେ ସେହି କରିବାରେ ହିଁ ଆନନ୍ଦ ଦେଖାଦିଏ ।

## ANNOUNCEMENT

**KFI Annual Gathering 2013 :**

'Attention' will be the theme of the KFI Annual Gathering being held this year from 21 to 23 November on the campus of the Rishi Valley School. The programmes will include talks, group discussions, video screenings and so on. Participants arrive on 20 November and leave after lunch on 24 November. For details, email: gathering@rishivalley.org. or write to The Study Centre, Rishi Valley, Chittoor district, Andhra Pradesh – 517 352

**Study Retreats at Rajghat :**

The Krishnamurti Centre in Varanasi is holding Study Retreats as per the following schedule: 'The Learning Mind'—3-6 October. 'The Challenge of Change': Retreat in Hindi—25-28 December For registration please contact The Krishnamurti Centre, Krishnamurti Foundation India, Rajghat Fort, Varanasi 221 001. E-mail:- kcentrevnas@gmail.com. Phone: 0542-2441289. Website: www.j-krishnamurti.org

*"So when you are listening to somebody, completely, attentively, then you are listening not only to the words, but also to the feeling of what is being conveyed, to the whole of it, not part of it."*

**– J Krishnamurti**

*Published in January, May & September* Odia Periodical

*If undelivered, please return to:*

Cuttack Centre Krishnamurti Foundation India,
Purighat Road, Upper Telenga Bazar,
Cuttack-753 009. Orissa (INDIA)
Tel: (0671) 6417990, e-mail: jibanakatha@gmail.com

Published by Saumitra Das on behalf of Cuttack Centre Krishnamurti Foundation India, Purighat Road, Upper Telenga Bazar, Cuttack-753 009. Printed by Graphic Art Offset Press, Nuapatna, Manglabag, Cuttack-1. Editor : Punya Prava Patnaik